କେନ୍ଦୁଝର : ଅହିଂସା ରଥକୁ ବିପୁଳ ସ୍ୱାଗତ : ବାଂଟୁଛି ଅହିଂସା ଓ ଦେଶ ପ୍ରେମର ବାର୍ତା : ଚାରି ଆଡେ ଦେଶ ପ୍ରେମର ମାହୋଲ

କେନ୍ଦୁଝର, ତା ୦୬.୦୯. କେନ୍ଦୁଝର ଜିଲ୍ଲାରେ ଅହିଂସା ରଥକୁ ବିପୁଳ ସ୍ୱାଗତ କରାଯାଇଛି । ଦୁଇଟି ଅହିଂସା ରଥ ଜିଲ୍ଲାର ବିଭିନ୍ନ ରାସ୍ତା ଦେଇ ପରିକ୍ରମା ଆରମ୍ଭ କରି ଦେଶପ୍ରେମ ଓ ଅହିଂସାର ବାର୍ତା ବାଂଟିଛନ୍ତି ଆନନ୍ଦ, ଉଲ୍ଲାସ, ଉଚ୍ଛ୍ୱାସର ସହିତ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଅହିଂସା ରଥକୁ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ଜଣାଇବା ସହ

ସମ୍ବର୍ଦ୍ଧନା ଜଣାଉଛନ୍ତି । ଚାରିଆଡେ ଦେଶ ପ୍ରେମ ଓ ଜାତି ପ୍ରେମର ମାହୋଲ ପରିଲକ୍ଷିତ ହେଉଅଛି । ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ସ୍ୱାଧିନତା ଦିବସ ଅବସରରେ ଭୁବନେଶ୍ୱରଠାରେ ଜାତିର ପିତା ମହାତ୍ମାଗାନ୍ଧୀ ଅମୂଲ୍ୟ ବାର୍ତା ବହନ କରୁଥିବା ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି କ୍ରମରେ ଚଳିତ ସେପ୍ଟେମ୍ବର ୬ ତାରିଖ ମଙ୍ଗଳବାର ଦିନ ଦୁଇଟି ଅହିଂସା ରଥ କେନ୍ଦୁଝର ଜିଲ୍ଲାରେ ପରିକ୍ରମା ଆରମ୍ଭ କରିଛନ୍ତି । ଜିଲ୍ଲା ସଦର ମହକୁମାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅହିଂସା ରଥକୁ ଜିଲ୍ଲାପାଳ ଆଶିଷ ଠାକରେ ସ୍ୱାଗତ କରିଥିଲେ । ଏକ ବାର୍ତାରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଆମ ଜିଲ୍ଲାରେ ଅହିଂସା ରଥ ପରିକ୍ରମା କରୁଛି । ସ୍ୱାଧିନତା ସଂଗ୍ରାମରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିର ମହତ୍ୱ ଏବଂ ଦେଶକୁ ସ୍ୱାଧିନ କରିବା ପାଇଁ ସ୍ୱାଧିନତା ସଂଗ୍ରାମୀଙ୍କ ବଳିଦାନ ସଂପର୍କରେ ଜନସାଧାରଣଙ୍କୁ ପୁଣିଥରେ ଜାଗରୁକ୍ କରାଇବା ଏବଂ ଉତରପିଢୀଙ୍କୁ ଏ ସଂପର୍କରେ ଅବଗତ କରାଇ ପ୍ରେରଣା ଯୋଗାଇବା ଏବଂ ଅହିଂସା ରଥ ପରିକ୍ରମାର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ ଅହିଂସା ରଥର ସଫଳ ପରିକ୍ରମା ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଏସ୍.ଡି.ପି.ଓ. ପ୍ରକାଶ ଜେମ୍ବୁ ଟୋପୋ, ଟାଉନଥାନା ନିରୀକ୍ଷକ ପ୍ରମୋଦିନୀ ସାହୁ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ ଶିକ୍ଷାବିତ୍, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, କଳାକାର, ବିଭିନ୍ନ ସଂଗଠନ/ଅନୁଷ୍ଠାନର କର୍ମକର୍ତା ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ । କଳାକାରମାନଙ୍କର ଚିତାକର୍ଷକ ନୃତ୍ୟ ପରିବେଷଣ ଏବଂ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଧରି ଅହିଂସା ରଥକୁ ସ୍ୱାଗତ କରିବାର ଦୃଶ୍ୟ ବେଶ୍ ମନୋମୁଗ୍ଧକର ହୋଇଥିଲା । ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ଅହିଂସା ରଥ କେନ୍ଦୁଝରଗଡ଼ ପୌରାଂଚଳ ପରିକ୍ରମାରେ ବାହାରିଥିଲା । ସୂଚନାଯୋଗ୍ୟ ଯେ ମଙ୍ଗଳବାର ସକାଳ ଘ୮.୩୦ ମିନିଟ୍ ସମୟରେ କେନ୍ଦୁଝର ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତ ଯୋଡା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ଠାରେ ସୁନ୍ଦରଗଡ଼ ଜିଲ୍ଲାରୁ ପରିକ୍ରମା ସାରି ପହଂଚିଥିବା ଦୁଇଟି ଅହିଂସା ରଥକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଇ ସ୍ୱାଗତ କରାଯାଇଥିଲା । ଯୋଡା ପଂଚାୟତ ସମିତି ଅଧକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡିଓ ଜଗନ୍ନାଥ ହନୁମା, ବଡବିଲ୍ ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ, ରୁଗୁଡି ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ସୁକୁମାରୀ ଦେହୁରୀ, ଗୁଆଲି ସରପଂଚ ବିଦ୍ୟାଧର ନାଏକ, ଲଇଡାପଡା ସରପଂଚଳ ବିଳାସୀ ଓରାମ ପ୍ରମୁଖ ନୂଆଗାଁ ଠାରେ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଏହାପରେ ଦୁଇଟି ଅହିଂସା ରଥ ଜିଲ୍ଲାର ବିଭିନ୍ନ ଅଂଚଳରେ ପରିକ୍ରମା ପାଇଁ ଭିନ୍ନ ଭିନ୍ନ ରାସ୍ତାରେ ବାହାରିଥିଲେ । ପ୍ରଥମ ରଥ ବଡ଼ବିଲ୍ ପୌରାଂଚଳରେ

ପରିକ୍ରମା କରିବାବେଳେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ପଦଯାତ୍ରା ଓ ବାଇକ୍ ଶୋଭାଯାତ୍ରାରେ ଅହିଂସା ରଥକୁ ପାଛୋଟି ନେଇଥିଲେ । ପରେ ପରେ ମ୍ୟୁନିସିପାଲ ହାଇସ୍କୁଲଠାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଡବିଲ୍ ପୌରପାଳିକାର ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌରପାଳିକା ଉପାଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ନାଏକ, କାଉନ୍‌ସିଲର୍, କର୍ମଚାରୀଙ୍କ ସମେତ ଜନସାଧାରଣ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବଡବିଲ୍‌ରୁ ଅହିଂସା ରଥ ବାହାରି ଭଦ୍ରାସାହି ପରିକ୍ରମା କରି ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ "ଗାନ୍ଧିଜୀ ଓ ଓଡିଶା" ଶୀର୍ଷକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ଅହିଂସା ରଥ ଯୋଡା ପୌରାଂଚଳ ପରିକ୍ରମା କରି ଦେଶପ୍ରେମ ଓ ଅହିଂସାର ବାର୍ତା ବାଂଟିଥିଲା । ଯୋଡା ପୌରପାଳିକାର ଅଧ୍ୟକ୍ଷ ଡଃ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସଂନ୍ଧ୍ୟା ପାତ୍ର, ମ୍ୟୁନିସିପାଲ ଇଞ୍ଜିନିୟର ଭକ୍ତବନ୍ଧୁ ମହାନ୍ତ, କାଉନସିଲର, କର୍ମଚାରୀ ଓ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଅହିଂସା ରଥ ଯୋଡା ବ୍ଲକ୍ ଅନ୍ତର୍ଗତ ବିଲେଇପଦା ପରିକ୍ରମା କରିଥିଲା ଏବଂ ଜନସାଧାରଣଙ୍କ ତରଫରୁ ଅହିଂସା ରଥକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ବାସୁଦେବପୁରଠାରେ ଚମ୍ପୁଆ ବ୍ଲକ୍ ତରଫରୁ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । କୋଦଗାଡିଆ ଗ୍ରାମ ପଂଚାୟତ ପରିସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚମ୍ପୁଆ ବିଡିଓ ଜ୍ୟୋତ୍ସାରାଣୀ ନାଏକ, ତହସିଲଦାର ଡଃ ସାଇ ସସ୍ମିତା ହୋତା, ଚମ୍ପୁଆ ପଂଚାୟତ ସମିତି ଅଧ୍ୟକ୍ଷ ସୁରେଶ ନାଏକ, ଅତିରକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଉଦୟ କୁମାର ନାଏକ ଏବଂ ରମଣୀ ନାଏକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ସ୍ୱାଗତ କରିଥିଲେ । ଏହାପରେ ଜାମୁଦଲକ ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ପରେ ପରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜାମୁଦଲକରୁ ଅହିଂସା ରଥ ବାହାରି ଚମ୍ପୁଆ ସହର ପରିକ୍ରମା କରି ଚମ୍ପୁଆ ବସ୍ ଷ୍ଟାଣ୍ଡ୍ ଠାରେ ପହଂଚିଥିଲା । ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହାପରେ ରିମୁଳି ପରିକ୍ରମାରେ ଯାଇ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ପହଂଚିଥିଲା । ସେଠାରେ ସଭା କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଦ୍ୱିତୀୟ ରଥ ନୂଆଗାଁରୁ ସିଧା ଆସି ପଳାଶପଙ୍ଗାରେ ପହଂଚିଲା । ସେଠାରେ ଓସିଲ ଛକଠାରୁ କେନ୍ଦୁଝର ସଦର ବ୍ଲକ୍ ତରଫରୁ ଅହିଂସା ରଥକୁ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଯାଇଥିଲା ଏବଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ତିନିଜଣ ହିତାଧିକାରୀଙ୍କୁ ଚରଖା ପ୍ରଦାନ କରାଯାଇଥିଲା । ସଦର ବିଡିଓ ବିକାଶ କୁମାର ସାହୁ, କେନ୍ଦୁଝର ତହସିଲଦାର ଆଶିଷ କୁମାର ମହାପାତ୍ର, ପଂଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ଏବିଡିଓ ଭାଗବତ ନାଏକ, ସରପଂଚ ବାସନ୍ତୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଲୀଳାବତୀ ମହାନ୍ତ, ଜିପିଇଓ ବିଧୁଭୂଷଣ ଜେନା, କଣ୍ଡରାପଶି ସରପଂଚ ଅଯୋଧ୍ୟା ନାଏକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ପଦ୍ମପୁରଠାରେ ଅହିଂସା ରଥକୁ ସରପଂଚ ଚପଳା ସାମଲ, ପଂଚାୟତ ସମିତି ସଦସ୍ୟ ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ପରିକ୍ରମାରେ ଆସି ଅହିଂସା ରଥ ରାଇସୁଆଁ ହାଇସ୍କୁଲ୍ ଠାରେ ପହଂଚିଥିଲା । ସରପଂଚ ଅନନ୍ତ ଚରଣ ବେହେରା. ପି.ଏସ୍. ମେମ୍ବର ସୁଦୀପ୍ତା ରାଉତ, ନାଏବ ସରପଂଚ

ପ୍ରିୟମ୍ବଦା ସାହୁ, ଶିକ୍ଷାନୁଷ୍ଠାନର କର୍ମକର୍ତା ଓ ଜନସାଧାରଣଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ସେଠାରେ ଗାନ୍ଧିଜୀ ଓ ଓଡିଶା ଶୀର୍ଷକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଂଚି ସେଠାରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଂଚିଥିଲା । ସେଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା ଏବଂ "ଗାନ୍ଧୀ ଓ ଓଡିଶା ଶୀର୍ଷକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ କେନ୍ଦୁଝରର ପୁରୁଣା ସହର ବଡଦାଣ୍ଡରେ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ସ୍ୱାଗତ କରାଯାଇଥିଲା । କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର ଓ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଜାତୀୟ ରାଜପଥ ୪୯ ନିକଟରୁ ବାଂଶପାଳ ବ୍ଲକ୍ ତରଫରୁ ପାଛୋଟି ନିଆଯାଇଥିଲା । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶୁଆକାଟୀ ଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗାନ୍ଧିଜୀ ଓ ଓଡିଶା ଶୀର୍ଷକ ଚଳଚିତ୍ର ପ୍ରଦର୍ଶନ ପୂର୍ବକ ସ୍ୱାଗତ କରାଯାଇଥିଲା । ଜିଲ୍ଲା ପରିଷଦ ସଦସ୍ୟା ଶାନ୍ତିଲତା ରଣା, ବାଂଶପାଳ ପଂଚାୟତ ସମିତି ଉପାଧ୍ୟକ୍ଷା ଏବଂ କୁନିଖମାଣିଆ ବିଡିଓ ଉଗ୍ରେସନ ଓରାମଙ୍କ ସମେତ ସରକାରୀ ଅଧିକାରୀ, କର୍ମଚାରୀ, ଜନସାଧାରଣଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶୁଆକାଟୀରୁ ଅହିଂସା ରଥ ବାହାରି ସାହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଂଚିଥିଲା । ସେଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ଅହିଂସା ରଥ ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, କଳାକାର, ବିଭିନ୍ନ ଅନୁଷ୍ଠାନ / ସଂଗଠନ ତଥା ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ତରଫରୁ ଅହିଂସା ରଥକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ଚଳିତ ସେପ୍ଟେମ୍ବର ୭ ତାରିଖରେ ଗୋଟିଏ ଅହିଂସା ରଥ ଝୁମ୍ପୁରା, ଘଟଗାଁ ବ୍ଲକ୍ ପରିକ୍ରମା କରିବାକୁ ଥିବା ବେଳେ ଅନ୍ୟ ଅହିଂସା ରଥ ତେଲକୋଇ ଓ ହରିଚନ୍ଦନପୁର ବ୍ଲକ୍ ପରିକ୍ରମା କରିବ । ସେହିପରି ସେପ୍ଟେମ୍ବର ୮ ତାରିଖ ଦିନ ପାଟଣା, ସାହାରପଡା ଓ ଘଷିପୁରା, ହାଟଡିହି, ଆନନ୍ଦପୁର ବ୍ଲକ୍ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଜିଲ୍ଲାରେ ଅହିଂସା ରଥ ପରିକ୍ରମା ସଂକ୍ରାନ୍ତରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଦୈନନ୍ଦିନ ସମୀକ୍ଷା କରିବା ସହିତ ତଦାରଖ କରୁଛନ୍ତି ।

ସ୍ୱା/-୦୬.୦୯.୨୦୨୨

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର